## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ପାପଡ଼ାହାଣ୍ଡି /ମୈଦଲପୁର, ୨୫।୬, (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସାନବାର୍ଲି ପଞ୍ଚାୟତ ଅନ୍ତର୍ଗତ ନୂଆଗୁଡ଼ା ଗ୍ରାମର ବିଶ୍ୱନାଥ ଜାନି(୫୫) ଶନିବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି । ତାଙ୍କୁ ପ୍ରଥମେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ବିଶ୍ୱନାଥ ଓ ତାଙ୍କ ସ୍ତ୍ରୀ ଲଛମା ଗାଁ ଠାରୁ ଗ୍ରାମ ନିକଟ ଜମିକୁ କାମ କରିବାକୁ ଯାଇଥିଲେ। ଦିନ ପ୍ରାୟ ୧୨:୩୦ରେ ହଠାତ ଏକ ଭାଲୁ ଆସି ବିଶ୍ୱନାଥଙ୍କୁ ଆକ୍ରମଣ କରିଥିଲା। ଏଥିରେ ତାଙ୍କ ହାତ ଓ ମୁହଁରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଲଛମା ଭାଲୁ କବଳରୁ ବର୍ତ୍ତିଯାଇଥିବାବେଳେ ଗ୍ରାମବାସୀଙ୍କ ସହାୟତାରେ ବିଶ୍ୱନାଥଙ୍କୁ ଘରକୁ ନେଇଥିଲେ। ଗାଁରେ ମୋବାଇଲ ନେଟୱର୍କ ନ ଥିବା ଏବଂ କୌଣସି ଗାଡ଼ିର ବ୍ୟବସ୍ଥା ନ ଥିବା ଯୋଗୁ ଗାଁ ର ଦୁଇ ଜଣ ବ୍ୟକ୍ତି ମୈଦଲପୁର ବନ ବିଭାଗ ଅଧିକାରୀ ଉମାକାନ୍ତ ପଟ୍ଟନାୟକଙ୍କୁ ଖବର ଦେଇଥିଲେ । ପରେ ୧୦୮ ଯୋଗେ ବିଶ୍ୱନାଥଙ୍କୁ ପାପଡ଼ାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଆଇନଜୀବୀଙ୍କୁ ମରଣାନ୍ତକ ଆକ୍ରମଣ

କୋରାପୁଟ,୨୫।୬(ସ୍ୱ.ପ୍ର. )- ଜଣେ ହୋଟେଲ ମାଲିକଙ୍କ ଆକ୍ରମଣରେ କୋରାପୁଟର ଯୁବ ଆଇନଜୀବୀ ମୋତି ରଞ୍ଜନ ବେହେରା ଗୁରୁତର ହୋଇଛନ୍ତି। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ରାତିରେ ଜଣେ ବନ୍ଧୁଙ୍କ ବିଦାୟକାଳୀନ ଭୋଜିରେ ଯୋଗ ଦେବାକୁ ଆଇନଜୀବୀ ବେହେରା ଏକ ହୋଟେଲକୁ ଯାଇଥିଲେ। ଖାଇ ସାରି ହାତ ଧୋଉଥିବା ବେଳେ ହୋଟେଲ ମାଲିକ ନିରଞ୍ଜନ ସାମନ୍ତରାୟ ତାଙ୍କୁ ହଂାତ୍ ଏକ ମୁଥ ମାରି ପରେ ଏକ ଲୁହା ଛଡରେ ମୁଣ୍ଡକୁ ଆଘାତ କରିଥିଲେ। ଏଥିରେ ବେହେରା ଗୁରୁତର ଆହତ ହୋଇଥିଲେ। ତାଙ୍କ ସହ ଥିବା ଅନ୍ୟ ବନ୍ଧୁମାନେ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ବେହେରାଙ୍କ ସ୍ତ୍ରୀ ଆଇନଜୀବୀ ଏଲିନା ବେହେରା ଏନେଇ କୋରାପୁଟ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏସଡିପିଓ ମନୋଜ ପୂଜାରୀ କହିଛନ୍ତି।

### ୪ ହୋଟେଲକୁ ପୌରପାଳିକା ନୋଟିସ

କୋରାପୁଟ,୨୫।୬(ସ୍ୱ.ପ୍ର.)- କୋରାପୁଟ ସହରରେ ଦୀର୍ଘ ଦିନ ହେଲା ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ୪ ହୋଟେଲକୁ କୋରାପୁଟ ପୌରପାଳିକା ନୋଟିସ ଜାରି କରିଛି। ଶନିବାର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ଏହି ସୂଚନା ଦେଇଛନ୍ତି। ଏହି ୪ଟି ହୋଟେଲ ହେଲା ତୃପ୍ତି ହୋଟେଲ, ଖାନା ଖାଜାନା , ଚୌଧୁରୀ ପ୍ୟାଲେସ, ଅନ୍ନପୂର୍ଣ୍ଣା ହୋଟେଲ। ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ପାର୍କିଂ ସୁବିଧା କରିବାକୁ ପୌର ପ୍ରଶାସନ ଏହି ନୋଟିସରେ ନିର୍ଦ୍ଦେଶ ଦେଇଛି । ଏନେଇ ହୋଟେଲ କର୍ତ୍ତୃପକ୍ଷ ଗୁରୁତ୍ୱ ନ ଦେଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଜରିମାନା ଆଦାୟ କରାଯିବ ବୋଲି କୁହାଯାଇଛି।

### ଭାଉଜ ସହ ଶାରୀରିକ ସମ୍ପର୍କ ରଖି ଦିଅର ଗିରଫ

ଧରାକୋଟ,୨୫।୬(ଡି.ଏନ୍.ଏ.):ଧରାକୋଟ ଥାନା ଅଞ୍ଚଳରେ ଭାଉଜଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ପୋଲିସ ଶନିବାର ଦିଅରଙ୍କୁ ଗିରଫ କରିଛି। ମହିଳା ଜଣକ ୯ ବର୍ଷ ପୂର୍ବେ ବିବାହ କରିଥିଲେ। ତାଙ୍କ ସ୍ୱାମୀ ବାହାର ସହରରେ କାମ କରନ୍ତି। ଗାଁରେ ମହିଳା ଜଣକ ନିଜର ଦୁଇ ଶିଶୁକନ୍ୟା ସହ ରୁହନ୍ତି। ଅଭିଯୁକ୍ତ ବିବାହିତ ହୋଇଥିଲେ ସୁଦ୍ଧା ଗତ ଛଅବର୍ଷ ତଳୁ ଭାଉଜଙ୍କ ସହ ଅନୈତିକ ସମ୍ପର୍କ ରଖିଆସୁଥିଲା। ଗତ ୩ ବର୍ଷ ହେଲା ଅଭିଯୁକ୍ତଙ୍କ ସ୍ତ୍ରୀ ଏହା ଜାଣିବା ପରେ ସ୍ୱାମୀଙ୍କୁ ଛାଡ଼ି ଚାଲିଯାଇଛନ୍ତି। ଏହାର ସୁଯୋଗ ନେଇ ଶଙ୍କର ଭାଉଜଙ୍କ ସହ ଜବରଦସ୍ତ ସମ୍ପର୍କ ରଖୁଥିଲେ। ବାରଣ କରିବାରୁ ଅଶ୍ଳୀଳ ଫଟୋ ଓ ମେସେଜ୍ ଭାଇରାଲ କରିବା ସହ ପେଟ୍ରୋଲ ପକାଇ ପୋଡ଼ିଦେବାର ଧମକ ଦେଉଥିଲେ। ଏଥିରେ ଭୟଭୀତ ହୋଇ ମହିଳା ଜଣକ ଧରାକୋଟ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୧୬୧/୨୨ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି।

# ବିହାରରେ ୮ ଶ୍ରମିକଙ୍କୁ ନିର୍ଯାତନା

- ଥାନା, ଶ୍ରମ ବିଭାଗର ଦ୍ୱାରସ୍ଥ ହେଲେ ପରିବାର ଲୋକ
- ମୋବାଇଲ ଛଡ଼ାଇ ନେଇ ବିନା ଟଙ୍କାରେ କରାଉଛନ୍ତି କାମ
- ତଦନ୍ତ ନିର୍ଦ୍ଦେଶ ଦେଲେ ଅତିରିକ୍ତ ଶ୍ରମ କମିଶନର

ତେନ୍ତୁଳିଖୁଣ୍ଟି,୨୫।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଜଗାଁ ପଞ୍ଚାୟତ ବଙ୍ଗଲାଗୁଡ଼ା ଗ୍ରାମରୁ ୮ ଶ୍ରମିକଙ୍କୁ ବିହାରରେ କାମ କରିବାକୁ ନେଇ ନିର୍ଯାତନା ଦିଆଯାଉଛି। ସେମାନଙ୍କ ଠାରୁ ମୋବାଇଲ ଛଡ଼ାଇ ନେବାସହ ବିନା ପାରିଶ୍ରମିକରେ ଜୋର ଜବରଦସ୍ତ କାମ କରିବାକୁ ବାଧ କରାଯାଉଛି। ଏମିତିକି ପାରିଶ୍ରମିକ ମାଗିଲେ ମାଡ଼ ମରାଯାଉଛି। ଏ ନେଇ ପରିବାର ଲୋକେ କୌଣସି ପ୍ରକାରେ ଖବର ପାଇବା ପରେ ଖାତିଗୁଡ଼ା ଥାନା ଏବଂ ଶ୍ରମ ବିଭାଗର ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁଯାୟୀ, ଅଞ୍ଚଳର ଦଲାଲ ଟଙ୍କଧର ଗୌଡ଼ କାମ ଯୋଗାଇଦେବାର ପ୍ରତିଶ୍ରୁତି ଦେଇ ବଙ୍ଗଲାଗୁଡ଼ା ଗ୍ରାମର ଆନନ୍ଦ ଗୌଡ଼ଙ୍କ ପୁଅ ଘାସି, ଲୁକୁ ଗୌଡ଼ଙ୍କ ପୁଅ ତୁଳାରାମ, ରଘୁନାଥ ଗୌଡ଼ଙ୍କ ପୁଅ ବିରାଙ୍ଗ, ଅଭିନାଥ ପୂଜାରୀଙ୍କ ପୁଅ ଟୁନା, ଚଣ୍ଡାଳ ଗୌଡ଼ଙ୍କ ପୁଅ କୃଷ୍ଣ, ଗଙ୍ଗାଧର ଗୌଡ଼ଙ୍କ ପୁଅ ଲଛମନ୍ ଏବଂ ଡମ୍ବୁ ଗୌଡ଼ଙ୍କ ପୁଅ ଟୁକଧାରଙ୍କୁ କୋରାପୁଟ ଜିଲା ତେଲେଙ୍ଗାସିଲ ଅଞ୍ଚଳର ଦଲାଲ ଚନ୍ଦ୍ର ଗୌଡ଼ ଏବଂ ବାନୁଆଗୁଡ଼ାର ଦିନେଶ ବାଗଙ୍କ ନିକଟକୁ ନେଇଥିଲେ। ଚନ୍ଦ୍ର ଏବଂ ଦିନେଶ ଶ୍ରମିକମାନଙ୍କୁ ବିହାରର ଗୟା ଜିଲାକୁ ନେଇ କାମରେ ଲଗାଇଥିଲେ। କିଛିଦିନ ପରେ ସେମାନଙ୍କ ଫୋନ ଛଡ଼ାଇ ନେଇ ଜୋର ଜବରଦସ୍ତ କାମ କରାଉଥିଲେ। ପାରିଶ୍ରମିକ ମାଗିଲେ ମାଡ଼ ମାରୁଥିଲେ। ଏ ନେଇ ଶ୍ରମିକମାନଙ୍କ ପରିବାର ପକ୍ଷରୁ ଖାତିଗୁଡ଼ା ଥାନାରେ ଅଭିଯୋଗ କରାଯିବା ସହ ଶ୍ରମ ବିଭାଗକୁ ଅବଗତ କରାଯାଇଛି।

ଏ ନେଇ ଥାନା ଅଧିକାରୀ ପ୍ରମୋଦ କୁମାର ନାୟକ ମଧ୍ୟ ଶ୍ରମ ବିଭାଗକୁ ଅବଗତ କରିଛନ୍ତି। ଅତିରିକ୍ତ ଶ୍ରମ କମିଶନର କୁବେର ବେହେରା ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ଗୋପାଳକୃଷ୍ଣ ମଙ୍ଗରାଜଙ୍କୁ ଦାୟିତ୍ୱ ଦେଇଛନ୍ତି। ଶ୍ରମିକମାନେ କେଉଁଠି ଅଛନ୍ତି ସେ ନେଇ ଗୁଗଲ୍ ଜରିଆରେ ସର୍ଚ୍ଚ କରାଯାଉଛି। ମୋବାଇଲ ଟ୍ରାକ୍ ମଧ୍ୟ କରାଯାଉଛି। ତଦନ୍ତ ପରେ କମିଶନରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଅତିରିକ୍ତ ଜିଲା ଶ୍ରମ ଅଧିକାରୀ କହିଛନ୍ତି।

ତେନ୍ତୁଳିଖୁଣ୍ଟି ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହିତାଧିକାରୀଙ୍କୁ ଠିକ ସମୟରେ ପ୍ରାପ୍ୟ ନ ମିଳିବା ଏବଂ ମେଶିନରେ କାମ ହେବା ଯୋଗୁ ଅଞ୍ଚଳର ଶ୍ରମିକ କାମ ଆଶାରେ ଦଲାଲଙ୍କ ଶିକାର ହେଉଥିବା ପାତ୍ରପୁଟର ସମିତିସଭ୍ୟ ଦିଲୀପ ପ୍ରଧାନୀ ଅଭିଯୋଗ କରିଛନ୍ତି। ସେହିପରି ତଦନ୍ତ କରି ଆଖିଦୃଶିଆ ପଦକ୍ଷେପ ନିଆଯାଉ ବୋଲି ବ୍ଲକ କଂଗ୍ରେସ ଉପସଭାପତି ଭୀମସେନ ପାଣିଗ୍ରାହୀ ଦାବି କରିଛନ୍ତି।

# ଓଡ଼ିଶା ଟିମ୍‌ରେ ମୁମ୍ବାଇ ଯିବେ ରାୟଗଡ଼ାର ଛାତ୍ର ଅଂଶୁମାନ

ରାୟଗଡ଼ା ଅଫିସ,୨୫।୬

ଆଜାଦୀ କା ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ଦେଶରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଭାଷା ଓ ସଂସ୍କୃତିର ଆଦାନ ପ୍ରଦାନ ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିପାଇଁ ଓଡ଼ିଶାରୁ ୨୫ ଜଣିଆ ଛାତ୍ରୀଛାତ୍ର ଦଳ ଜୁନ୍ ୨୮ ରେ ମୁମ୍ବାଇ ଗସ୍ତ କରିବେ। ଏହି ଟିମ୍‌ରେ ରାୟଗଡ଼ା କେନ୍ଦ୍ରୀୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଅଂଶୁମାନ ରଥ ରାୟଗଡ଼ା ଜିଲାକୁ ପ୍ରତିନିଧିତ୍ୱ କରିବେ।


ଅଂଶୁମାନ ରଥ

୨୫ ଜଣିଆ ଦଳରେ ୧୧ ଛାତ୍ରୀ ଥିବାବେଳେ ୧୪ ଛାତ୍ର ରହିଛନ୍ତି। କଟକ ଜିଲାରୁ ୧୦ ଜଣ, ଖୋର୍ଦ୍ଧାରୁ ୧୨ ଏବଂ ରାୟଗଡ଼ା, ବଲାଙ୍ଗୀର ଓ ବାଲେଶ୍ୱର ଜିଲାରୁ ଜଣେ ଲେଖାଏ ଛାତ୍ର ଏହି ଦଳରେ ସାମିଲ ହୋଇଛନ୍ତି। ରାଜ୍ୟ ଶିକ୍ଷା ବିଭାଗର ୨ ଅଧିକାରୀ ଶଶଧର ନାୟକ ଏବଂ ସୁଜାତା ମହାପାତ୍ର ୨୫ ଜଣିଆ ଦଳର ନେତୃତ୍ୱ ନେଉଛନ୍ତି। ଏହି ଟିମ୍ ୨୮ରେ ଭୁବନେଶ୍ୱରରୁ ବିମାନ ଯୋଗେ ମୁମ୍ବାଇ ଯିବେ। ଟିମ୍ ଜୁଲାଇ ୪ରେ ପୁଣି ଓଡ଼ିଶା ଫେରିବ। ୭ ଦିନ ମଧ୍ୟରେ ମହାରାଷ୍ଟ୍ର ସରକାରଙ୍କ ଦ୍ୱାରା ରାଜ୍ୟର ପ୍ରମୁଖ ସ୍ଥାନ ପରିଭ୍ରମଣ କରାଇବା ସହ ସେଠାକାର ଭାଷା, ସଂସ୍କୃତି ସହ ଓଡ଼ିଶା ପିଲାଙ୍କୁ ଅବଗତ କରାଇବା ଏବଂ ଓଡ଼ିଶା ଭାଷା, ସଂସ୍କୃତି ନେଇ ସେଠାକାର ପିଲାଙ୍କ ସହ ଆଦାନ ପ୍ରଦାନ କରିବା କାର୍ଯ୍ୟକ୍ରମ ରହିଥିବା ରାୟଗଡ଼ା କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ଦୁର୍ଗାପ୍ରସାଦ ଦାସ ସୂଚନା ଦେଇଛନ୍ତି। ତେବେ ଏହି ଟିମ୍‌ରେ ଦକ୍ଷିଣ ଓଡ଼ିଶାରୁ ରାୟଗଡ଼ା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ଅଂଶୁମାନ ରଥ ମନୋନୀତ ହୋଇଥିବାରୁ ଏହା ଜିଲା ପାଇଁ ଗର୍ବ ଏବଂ ଗୌରବର ବିଷୟ ବୋଲି ଅଧକ୍ଷ କହିଛନ୍ତି।

**ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ**

# ୫ ଦିନ ହେଲା ମାଣ୍ଡିବିଶି ୟୁପି ସ୍କୁଲରେ ଝୁଲୁଛି ତାଲା

ଟିକିରି,୨୫।୬(ଡି.ଏନ୍.ଏ.)–



- ୮ଟି ଶ୍ରେଣୀର ପିଲାଙ୍କ ପାଇଁ ମାତ୍ର ୨ ଶିକ୍ଷକ
- ଅଭିଭାବକ, ଗ୍ରାମବାସୀ ବନ୍ଦ କରିଛନ୍ତି ସ୍କୁଲ
- ଶିକ୍ଷୟିତ୍ରୀ, ଶିକ୍ଷକ ଆସି ଫେରିଯାଉଛନ୍ତି

ରାୟଗଡ଼ା ଜିଲା କାଶୀପୁର ବ୍ଲକ ମାଣ୍ଡିବିଶି ୟୁପି ସ୍କୁଲ ଫାଟକରେ ୫ ଦିନ ହେଲା ତାଲା ଝୁଲୁଛି। ଶିକ୍ଷକ ଅଭାବ ପ୍ରତିବାଦରେ ଅଭିଭାବକ ଏବଂ ଗ୍ରାମବାସୀ ମଙ୍ଗଳବାରଠାରୁ ସ୍କୁଲ ବନ୍ଦ କରିଛନ୍ତି। ସମସ୍ୟାର ସମାଧାନ ନେଇ ଶିକ୍ଷା ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବାଧ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ମାଣ୍ଡିବିଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧ମ ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୧୭୧ ଛାତ୍ରୀଛାତ୍ର ପଢୁଛନ୍ତି। କିଛି ମାସ ତଳେ ପ୍ରଧାନ ଶିକ୍ଷକ ଅବସର ନେଇଛନ୍ତି। ଏହା ପରଠାରୁ ସ୍କୁଲ ମାତ୍ର ୨ ଜଣ ଶିକ୍ଷକଙ୍କୁ ନେଇ ଚାଲିଛି। ଫଳରେ ପିଲାଙ୍କୁ ଠିକ୍‌ଭାବେ ଶିକ୍ଷାଦାନ ହୋଇପାରୁନାହିଁ। ଏ ନେଇ ଅନେକ ଥର ଶିକ୍ଷା ବିଭାଗ ଏବଂ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଅଧିକ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଫଳରେ ବାଧହୋଇ ଅଭିଭାବକ ଏବଂ ଗ୍ରାମବାସୀ ମଙ୍ଗଳବାର ଏହାର ସ୍କୁଲ ଫାଟକରେ ତାଲା ପକାଇଥିବା କହିଛନ୍ତି। ତେବେ ଏହି ଘଟଣାର ୫ ଦିନ ବିତିଯାଇଥିଲେ ମଧ ଶିକ୍ଷା ବିଭାଗ ଏବଂ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଅଭିଭାବକ ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରି ସ୍କୁଲ ଖୋଲିବା ବ୍ୟବସ୍ଥା ମଧ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ସ୍କୁଲରେ ନିଯୁକ୍ତ ଥିବା ୨ ଶିକ୍ଷୟିତ୍ରୀ ଶିକ୍ଷକ ସ୍କୁଲ ଖୋଲିବା ସମୟରେ ଆସି ଫାଟକରେ ତାଲା ପଡ଼ିଥିବାରୁ ଅପେକ୍ଷା କରି ଫେରିଯାଉଛନ୍ତି।

କାଶୀପୁର ବିଇଓଙ୍କ ଦାୟିତ୍ୱ ଏବେ ରାୟଗଡ଼ା ଡିଇଓଙ୍କ ହାତରେ ରହିଛି। ତଥାପି ଏହି ସ୍କୁଲ ୫ ଦିନ ହେଲା ବନ୍ଦ ରହିଛି। ତେବେ ଜିଲାର ଅନ୍ୟ ବିଦ୍ୟାଳୟ ଗୁଡ଼ିକରେ ପାଠପଢ଼ାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣାକୁ ଜିଲା ପ୍ରଶାସନ ଗୁରୁତର ସହ ନେଇ ତୁରନ୍ତ ସ୍କୁଲରେ ଆବଶ୍ୟକ ସଂଖ୍ୟାରେ ଶିକ୍ଷକ ନିଯୁକ୍ତି ଦେଇ ସ୍କୁଲ ଖୋଲିବା ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

### ନକଲି କାରବାର ଅଭିଯୋଗ, ଜଣେ ଗିରଫ

ପାରଳାଖେମୁଣ୍ଡି,୨୫।୬

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୋଲିସ ପକ୍ଷରୁ ଇଲେକ୍ଟ୍ରିକାଲ ବଜାର ଉପରେ ଚଢ଼ାଉ ହୋଇଥିଲା। ନକଲି କାରବାର ଅଭିଯୋଗରେ ଶନିବାର ପୋଲିସ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ମହାଲକ୍ଷ୍ମୀ ଇଲେକ୍ଟ୍ରିକାଲ ଓ ହାର୍ଡୱେର ଦୋକାନର ମାଲିକ ଦୀପାରାମ ରାମଜୀ। ଫିନୋଲେକ୍ସ କମ୍ପାନୀର ଡେପୁଟି ମ୍ୟାନେଜର ମୁକେଶ କୁମାର ରାଉତଙ୍କ ଅଭିଯୋଗ କ୍ରମେ ପାରଳାଖେମୁଣ୍ଡି ନୂଆ ବସଷ୍ଟାଣ୍ଡ ନିକଟ ମୁଖ୍ୟ ରାସ୍ତାରେ ଥିବା ମହାଲକ୍ଷ୍ମୀ ଇଲେକ୍ଟ୍ରିକାଲ ଓ ହାର୍ଡୱେର ଦୋକାନଠାରେ ବହୁ ଦିନ ଧରି ନକଲି ବ୍ରାଣ୍ଡର ବହୁ ପରିମାଣର କେବୁଲ ବିକ୍ରି ହେଉଥିଲା। ଉଭୟ ଅସଲି ଓ ନକଲିର ତଦନ୍ତ କରିବା ପରେ ଜାଲୋ ଜିଲା ସୋମଟା ଗ୍ରାମର ଦୀପାରାମଙ୍କୁ ଗିରଫ କରାଯାଇଥିବା ପାରଳାଖେମୁଣ୍ଡି ଏସ୍‌ଡିପିଓ ରାମକୃଷ୍ଣ ପତି କହିଛନ୍ତି। ଏହିପରି ସହରରେ ବିଭିନ୍ନ ରାଜ୍ୟରୁ ବେପାରୀମାନେ ଆସି ସେମାନଙ୍କ ବେପାର ବାଣିଜ୍ୟ ଚଲେଇଥିବା ଜଣାପଡିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଲେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

# ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି ।

ଡାବୁଗାଁ,୨୫।୬(ଡି.ଏନ୍.ଏ.)–

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ରଥଯାତ୍ରା ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ପାଳନ ହେବ ସେ ନେଇ ଯାତ୍ରା କମିଟି ଏବଂ ଗ୍ରାମବାସୀଙ୍କୁ ନେଇ ବୈଠକ ହୋଇଥିଲା। ରଥଯାତ୍ରା କମିଟିର ସ୍ଥାୟୀ ସଭାପତି ତଥା ସ୍ଥାନୀୟ ତହସିଲଦାର ସନ୍ଧ୍ୟା ସମରଥଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ବିଡିଓ ଶରତ ମାଝି, ଉପସଭାପତି ଜି. ଭେଙ୍କଟେଶ୍ୱର ରାଓ, ସମ୍ପାଦକ ଭଗବାନ ମହାନ୍ତି, କୋଷାଧକ୍ଷ ଜି. ସାଇରାଜୁ, ଦେବରାଜ ପାତ୍ର, ସୁରେନ୍ଦ୍ର ମିଶ୍ର, ଏମ୍. ଆପ୍ପାରାଓ, ଏମ୍. ବୁଲୁ ରାଓ, ଥାନା ଅଧିକାରୀ ଅଭିମନ୍ୟୁ ଦୁର୍ଗା, ଚମ୍ପା ଅଗ୍ରୱାଲ, ସୂର୍ଯ୍ୟ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହି ଯାତ୍ରା ଶାନ୍ତିଶୃଙ୍ଖଳାରେ ପାଳନ ହେବା ନେଇ ଆଲୋଚନା କରାଯାଇଥିଲା। ଜୁନ୍ ୨୯ରେ ନବଯୌବନ ଦର୍ଶନ(ଦିନ ୧୧.୨୩), ଜୁନ୍ ୩୦ ମଧ୍ୟାହ୍ନରେ ରଥ ପ୍ରତିଷ୍ଠା, ଅପରାହ୍ନରେ ସେନାପଟା ଲାଗି ଓ ବେଶ, ଜୁଲାଇ ୧ ଦିନ ୧୨.୧୭ରୁ ପହଣ୍ଡି ଆରମ୍ଭ, ଜୁଲାଇ ୧ ରୁ ୯ ପର୍ଯ୍ୟନ୍ତ ଦଶାବତାର, ୯ ତାରିଖ ଅପରାହ୍ନ ୨ଘଣ୍ଟା ୪ରେ ପହଣ୍ଡି, ଜୁଲାଇ ୧୧ ରେ ଅଧରପଣା ଓ ସନ୍ଧ୍ୟାରେ ରତ୍ନ ସିଂହାସନରେ ବିଜେ ଆଦି ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ନେଇ ଆଲୋଚନା ହୋଇଥିଲା। ଏଥିରେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା।

# ଆଲୁମ୍‌ନି କମିଟି ସଦସ୍ୟଙ୍କ ସହଭାଗିତା ନେଇ ଆଲୋଚନା

ଚନ୍ଦାହାଣ୍ଡି,୨୫।୬(ଡି.ଏନ୍.ଏ.)



ପାନାବେଡ଼ା ହାଇସ୍କୁଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ନିର୍ଦ୍ଦେଶକ ଓ ଅନ୍ୟମାନେ।

**ମୋ ସ୍କୁଲ ଅତିରିକ୍ତ ନିର୍ଦ୍ଦେଶକଙ୍କ ଚନ୍ଦାହାଣ୍ଡି ଗସ୍ତ**

ମୋ ସ୍କୁଲ କାର୍ଯ୍ୟକ୍ରମର ଅତିରିକ୍ତ ନିର୍ଦ୍ଦେଶକ ଦେବାଶିଷ ପ୍ରଧାନ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗସ୍ତକରି ବିଭିନ୍ନ ବିଦ୍ୟାଳୟର ଆଲୁମ୍‌ନି କମିଟି ସଦସ୍ୟଙ୍କ ସହ ଆଲୋଚନା କରିଛନ୍ତି। ସରକାରୀ ନୂତନ ପାନାବେଡ଼ା ହାଇସ୍କୁଲ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ମୋ ସ୍କୁଲ ଅଧୀନରେ ହେଉଥିବା ୫–ଟି ରେ ଚାଲିଥିବା ରୂପାନ୍ତରୀକରଣ ଯୋଜନା ବିଷୟରେ ବିଶଦ ଆଲୋଚନା କରିଥିଲେ।

ଏଥିରେ ଆଲୁମ୍‌ନି କମିଟିର ସହଭାଗିତା ଉପରେ ବିଚାର ବିମର୍ଶ କରିଥିଲେ। ଏଥିରେ ଚନ୍ଦାହାଣ୍ଡି ଭାରପ୍ରାପ୍ତ ବିଇଓ ଈଶ୍ୱର ମାଝି, ଶରତ ମାଝି, ପ୍ରେମଚାନ୍ଦ ଧୁରୁଆଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଆଲୁମ୍‌ନି କମିଟି ସଦସ୍ୟ ପୁରୁଷୋତମ ପାରୀ ଓ କ୍ଷେମରାଜ ବାଘ ହାଇସ୍କୁଲ ଭଳି ମଧ ଇଂରାଜୀ ବିଦ୍ୟାଳୟ ଗୁଡ଼ିକୁ ମଧ ୫–ଟି ରେ ରୂପାନ୍ତରୀକରଣ କରିବା ନିମନ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାବୁଧର ସାହୁ, ନିରଞ୍ଜନ ଚକ୍ରବର୍ତ୍ତୀ, ଦୁଲାଲ ବାରୋଇ, ଜଗଦୀଶ ଗୌଡ଼, ପୁଷ୍ପାଞ୍ଜଳି ପରିଡ଼ା, ନୀଳାମ୍ବର ପଟେଲ, ନଜରାନା ପରବିନ, ଶତ୍ରୁଘ୍ନ ମଲ୍ଲିକ, ତ୍ରିଜନ ନାୟକ, ସନ୍ତୋଷ ଖମାରୀ, ରମେଶ ଚୌହାନ, ସୌରୀ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପୋଲିସ ବୁଝାମଣାରେ ହଟିଲା ସାମାଜିକ ବାସନ୍ଦ

ସୋରଡ଼ା,୨୫।୬(ଡି.ଏନ୍.ଏ.)

ସୋରଡ଼ା ଥାନା ବୋରିସିଙ୍ଗି ଗ୍ରାମର ଖଦାଳ ଗୌଡ଼ଙ୍କ ବଡ଼ ପୁଅଙ୍କ ସହ ଗଞ୍ଜାମ ଗ୍ରାମର ଜଣେ ଯୁବତୀଙ୍କ ସହ ଗତ ଦୁଇ ବର୍ଷ ତଳେ ବିବାହ ହୋଇଥିଲା। କୌଣସି କାରଣରୁ ଉଭୟ ବର ଓ କନ୍ୟା ପରିବାର ମଧ୍ୟରେ କଳହ ଲାଗି ରହିଥିଲା। ଫଳରେ ଖଦାଳ ଗୌଡ଼ଙ୍କ ସାନ ପୁଅର ବାହାଘର ମଧ ହୋଇ ପାରୁନଥିଲା। ଏ ନେଇ ଉଭୟ ପରିବାର ପକ୍ଷରୁ ଗୌଡ଼ ସମାଜରେ ଜଣାଇଥିଲେ ମଧ କୌଣସି ସୁଫଳ ମିଳି ନଥିଲା। ଏ ନେଇ ଖଦାଳ ଗୌଡ଼ ଗଞ୍ଜାମ ଏସ୍‌ପିଙ୍କ ନିକଟରେ ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ ପ୍ରକାରେ, ସୋରଡ଼ା ଥାନାଧିକାରୀ ରମେଶ କୁମାର ପ୍ରଧାନ ଗତ ୨୨ରେ ଉଭୟ ପରିବାରକୁ ଥାନାକୁ ଡାକି ବୁଝାଇଥିଲେ। ଫଳରେ ବର୍ତ୍ତମାନ ଉଭୟ ପରିବାରରେ ଥିବା ମତାନ୍ତର ଦୂର ହୋଇଛି।

### ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ

ଶେରଗଡ,୨୫।୬(ଡି.ଏନ.ଏ.)

ଶେରଗଡ଼ ରଥଯାତ୍ରା ନେଇ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ସିଂଦେଓ, ରାଜଶ୍ରୀ ମହାରଣା ରଘୁନାଥ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ମହାରଣା ସେବାୟତମାନେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ।

# ଘରେ ପଶିଲା ବର୍ଷାଜଳ

ପାପଡ଼ାହାଣ୍ଡି, ୨୫।୬(ଡି.ଏନ୍.ଏ.)


ଜଗନ୍ନାଥଙ୍କ ବାଥ୍‌ରୁମ୍‌ରେ ବର୍ଷାଜଳ।

ଲଗାଣ ବର୍ଷାରେ ପାପଡ଼ାହାଣ୍ଡିରେ ଶନିବାର ବର୍ଷାଜଳ ଘରେ ପଶିଥିବା ଦେଖିବାକୁ ମିଳିଛି। ସହରର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ରୟାଲ ପବ୍ଲିକ ସ୍କୁଲ ନିକଟ ଜଗନ୍ନାଥ ବିଶୋଇଙ୍କ ଘରେ ପାଣି ପଶିଯାଇଥିଲା। ଘରର ବହୁ ଆସବାବ ପତ୍ର ବର୍ଷା ପାଣିରେ ଭିଜି ଯାଇଥିବା ଜଣାପଡ଼ିଛି। ଭିମା ସାହି, ଗୋଟି ସାହି ଅଞ୍ଚଳରେ ମୁଖ୍ୟ ନାଳ ଗୁଡ଼ିକରେ ଘର କରିଦେବା ଯୋଗୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଗନ୍ନାଥ ଅଭିଯୋଗ କରିଛନ୍ତି। ଜଗନ୍ନାଥଙ୍କ ଘର ତଳିଆ ହୋଇଥିବାରୁ ଶୀଘ୍ର ପାଣି ଘରେ ପଶିଥିଲା। ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା ଶୀଘ୍ର କରିବାକୁ ସାହି ଏହାର ସମାଧାନ ଲାଗି ସାହି ବାସିନ୍ଦା ଦାବି କରିଛନ୍ତି।

# ପିଡିଏସ୍ ଚାଉଳ କାରବାର, ୨ ଗିରଫ

ଗୁଣପୁର,୨୫।୬(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ପୋଲିସ ପିଡିଏସ୍ ଚାଉଳ କାରବାର ଅଭିଯୋଗରେ ୨ ସମ୍ପୃକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କେ. ଦୁର୍ଗା ପ୍ରସାଦ ଏବଂ ଆର୍. ତିରୁମୁଲା। ସେମାନଙ୍କ ନିକଟରୁ ୧୦୦ ବସ୍ତା ପିଡିଏସ୍ ଚାଉଳ ଜବତ କରାଯାଇଥିବା ଆଇଆଇସି ଯଶୋବନ୍ତ ହିଆଲ ସୂଚନା ଦେଇଛନ୍ତି।

ଚାଲକମ୍ବା ସ୍ଥିତ କାଜୁ କାରଖାନାରେ ଥିବା ଏକ ଟ୍ରକ୍‌ରେ ପିଡିଏସ୍ ଚାଉଳ ଥିବା ସୂଚନା ପାଇ ଚଢ଼ାଉ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି। ଚଢ଼ାଉବେଳେ ଦୁର୍ଗା ପ୍ରସାଦଙ୍କ କାଜୁ କାରଖାନାରେ ଥିବା ପିଡିଏସ୍ ଚାଉଳ ବୋଝେଇ ଟ୍ରକ୍ ଜବତ କରାଯାଇଛି। ଉଭୟ ଦୁର୍ଗା ପ୍ରସାଦ ଏବଂ ଡ୍ରାଇଭର ତିରୁମୁଲାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।


ଗିରଫ ଦୁଇ ଅଭିଯୁକ୍ତ।

# ନିଶା କାରବାର ରୋକିବାରେ ପଛରେ ପଡ଼ିଛି ଅବକାରୀ ବିଭାଗ

ନବରଙ୍ଗପୁର,୨୫।୬(ବି.ପ୍ର.)

- ଟଙ୍କା ଖଟାଉଛନ୍ତି ବଡ଼ ମାଫିଆ, ଫସୁଛନ୍ତି ଶ୍ରମିକ ଶ୍ରେଣୀର ଲୋକ
- ପୋଲିସ ଭଳି ଅବକାରୀ ବିଭାଗର ନାହିଁ ତତ୍ପରତା

ନବରଙ୍ଗପୁର ଜିଲା ଗଞ୍ଜେଇ ଚୋରା ଚାଲାଣର କରିଡର୍ ସାଜିଛି। ଅବକାରୀ ବିଭାଗ ଚେଇଁ ଶୋଇଥିବା ବେଳେ ପୋଲିସ ଚଢ଼ାଉ କରି ଗଞ୍ଜେଇ ଧରିବାରେ ସଫଳ ହେଉଛି। ବେଆଇନ ନିଶା ଓ ମାଦକ ଦ୍ରବ୍ୟର କାରବାରକୁ ରୋକିବା ଏବଂ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଧରିବା ପାଇଁ ଅବକାରୀ ବିଭାଗ ରହିଛି। ହେଲେ ଗଞ୍ଜେଇ କାରବାରରେ ପୋଲିସ ବିଭାଗର ତତ୍ପରତା ଦେଖିବାକୁ ମିଳୁଥିବାବେଳେ ଅବକାରୀ ବିଭାଗ ପଛରେ ପଡ଼ିଛି। ଏଭଳି ପରିସ୍ଥିତିରେ ଅବକାରୀ ବିଭାଗର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ଅବକାରୀ ବିଭାଗ ପକ୍ଷରୁ ୨୦୧୯–୨୦ ରେ ୬.୪୫ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇ ୬ ଜଣକୁ ଗିରଫ କରାଯାଇଥିଲା। ୨୦୨୦–୨୧ରେ ୨ଟି ମାମଲାରେ ୧୯.୯ କେ.ଜି. ଗଞ୍ଜେଇ ଜବତ କରାଯାଇ ୨ ଜଣକୁ ଗିରଫ, ୨୦୨୧ –୨୨ ରେ ୪ ଟି ମାମଲାରେ ୫୮.୫ କେ.ଜି. ଗଞ୍ଜେଇ ଜବତ କରାଯାଇ ୫ ଜଣଙ୍କୁ ଗିରଫ ଏବଂ ମାତ୍ର ୩ଟି ସାଇକଲ ଜବତ କରାଯାଇଛି। ୨୦୨୨–୨୩ ରେ ଚଳିତ ମାସ ପ୍ରଥମ ସପ୍ତାହ ସୁଦ୍ଧା ୩ଟି ମାମଲା ରୁଜୁ କରାଯାଇ ୧୩ କେ.ଜି. ୨୭୦ ଗ୍ରାମ ଗଞ୍ଜେଇ ଜବତ କରାଯାଇ ୩ ଜଣକୁ ଗିରଫ କରାଯାଇଛି।

ଅନ୍ୟପକ୍ଷରେ ପୋଲିସ ପକ୍ଷରୁ ଜିଲାରେ ୨୦୨୧ ଜାନୁୟାରୀରୁ ଡିସେମ୍ବର ପର୍ଯ୍ୟନ୍ତ ଓ ୨୦୨୨ ଜାନୁଆରୀରୁ ଜୁନ୍ ୬ ମଧ୍ୟରେ ୫୬ ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଛି। ଗଞ୍ଜେଇ ଚାଲାଣରେ ବଡ଼ବଡ଼ ମାଫିଆ ଟଙ୍କା ଖଟାଉଛନ୍ତି। ହେଲେ ଚାଲାଣ ବେଳେ କେବଳ ଶ୍ରମିକ ଶ୍ରେଣୀର କେତେଜଣ ଲୋକ ଧରାପଡୁଛନ୍ତି। ପୋଲିସ ଜିଲାରେ ୨୦୨୧ ରେ ୪୬ ଟି ମାମଲା ରୁଜୁ କରି ୧୧୪ ଜଣଙ୍କୁ ଗିରଫ କରିବା ସହ ୩୩ କୁଇଣ୍ଟାଲ ୪୫ କିଲୋ ୧୨୦ ଗ୍ରାମ ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛି। ୨୦୨୨ରେ ଜୁନ୍ ୬ ମଧ୍ୟରେ ୧୧ଟି ମାମଲା ରୁଜୁ କରାଯାଇଛି। ୧୭ ଜଣଙ୍କୁ ଗିରଫ କରାଯାଇ ୨୩ କୁଇଣ୍ଟାଲ ୩୭ କେଜି ୬ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଚଳିତ ବର୍ଷ ନବରଙ୍ଗପୁର ଜିଲା ଉମରକୋଟ ଥାନା ଧୋଡ୍ରା ପଞ୍ଚାୟତ ଅଧୀନ ବିଏସ୍ ପଦରର ବାଣୁଆଗୁଡ଼ା ଗ୍ରାମର ସୁବାସ ବିଷୋୟୀ, ସୁବିର ବିଷୋୟୀ ଓ ରାମଚନ୍ଦ୍ର ବିଷୋୟୀ ୩ ଗଞ୍ଜେଇ ମାଫିଆଙ୍କ ପ୍ରାୟ ୧.୨୨ କୋଟି ଟଙ୍କା ମୂଲ୍ୟର କୋଠା ବ୍ୟାଜାପ୍ତି କରାଯିବା ସହ ତିନୋଟି ଆକାଉଣ୍ଟରେ ଥିବା ନଗଦ ୪ ଲକ୍ଷ ୩୯ ହଜାର ୯୦୯ ଟଙ୍କା ଜବତ କରିବାରେ ନବରଙ୍ଗପୁର ପୋଲିସ ସକ୍ଷମ ହୋଇଛି। ସେହିଭଳି କୋଷାଗୁମୁଡ଼ା ଥାନା ଅଧୀନ ପନରାଗୁଡ଼ାରେ ୨୦୨୦ ନଭେମ୍ବର ୬ ରେ ପ୍ରଭାକର ମାଳି ଓ ତାଙ୍କ ଦୁଇ ଭାଇଙ୍କ ନାମରେ ଥିବା ୪ କୋଟି ୭୭ ଲକ୍ଷ ଟଙ୍କା ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବ୍ୟାଜାପ୍ତି କରାଯାଇଛି। ତେଣୁ ଜିଲାରେ ଅବକାରୀ ବିଭାଗ ଚେଇଁ ଶୋଇଥିବା ସ୍ପଷ୍ଟ ହୋଇଛି।

**ସଂକ୍ଷେପରେ**

## ସାପ କାମୁଡ଼ାରେ ମହିଳା ଗୁରୁତର



ଦଶମନ୍ତପୁର,୨୫।୬ (ଡି.ଏନ୍.ଏ.)-ବାଉଁଶ ସଂଗ୍ରହ କରୁଥିବା ବେଳେ ବିଷଧର ସାପ କାମୁଡ଼ାରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଦଶମନ୍ତପୁର ବ୍ଲକ ଗାଦିଆଗୁଡ଼ା ପଞ୍ଚାୟତ ବ୍ରାହ୍ମଣସୁକୁ ଗ୍ରାମର ଘନ ମୁଦୁଲିଙ୍କ ସ୍ତ୍ରୀ ବୁଟୁଲି ମୁଦୁଲି(୪୨)। ଖବରରୁ ଜଣାପଡ଼ିଛି, ଘରେ ବାଡ଼ ବୁଜିବା ଲାଗି ଶନିବାର ଘନ ଓ ବୁଟୁଲି ବାଉଁଶ ସଂଗ୍ରହ କରିବାକୁ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ବାଉଁଶ ହାଣି ଟାଣି ଆଣିବା ବେଳକୁ ଏକ ସାପ ବୁଟୁଲିଙ୍କୁ କାମୁଡ଼ି ଦେଇଥିଲା। ସଙ୍ଗେ ସଙ୍ଗେ ଘନ ତାଙ୍କୁ ପ୍ରଥମେ ପୋଡ଼ାଗଡ଼ ଡାକ୍ତରଖାନା ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି।

## ମଦ ଚାଲାଣ ବେଳେ ଚଢ଼ାଉ, ଜଣେ ଗିରଫ

ଜୟପୁର, ୨୫।୬ (ନି.ପ୍ର.)- ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ଜଣକୁ ଗିରଫ କରିଛି । ସେ ହେଲେ ନିଳାଗୁଡାର ଛବି ହରିଜନ (୨୬) । ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡାରୁ ଏକ ବାଇକ ଯୋଗେ ଛବି ଦେଶୀ ମଦ ନେଇ ଯାଉଥିବା ସୂଚନା ପାଇ ଅବକାରୀ ବିଭାଗ କର୍ମଚାରୀ ଜୟନଗର ଛକଠାରେ ଚଢ଼ାଉ କରି ତାଙ୍କୁ ଧରିଥିଲେ। ତାଙ୍କଠାରୁ ୧୫ ଲିଟର ମଦ ଓ ବାଇକ ଜବତ ହୋଇଛି। ଚଢ଼ାଉରେ ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ ତାଣ୍ଡି, ଏଏସ୍ଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି ପ୍ରମୁଖ ସାମିଲ ହୋଇଥିଲେ।

## ଆଇନ ସଚେତନତା ଶିବିର

ଜୟପୁର, ୨୫।୬ (ନି.ପ୍ର.)- ଜୟପୁର ସିଟି ହାଇସ୍କୁଲଠାରେ ପୋକ୍ସୋ ଆଇନ ସମ୍ପର୍କରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଜଜ୍ ସୌମେନ୍ଦ୍ର ରାଜଗୁରୁ, ଏଡିଜେ ପ୍ରଦୀପ କୁମାର ସାସମଲ, ଏଡିଜେ ରାଜେଶ ନାୟର, ସିଭିଲ ଜଜ୍ ଶରତ ଜେନା, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ଶୁଭ ଗୌତମ ମିଶ୍ର, କୋର୍ଟ ମ୍ୟାନେଜର



ନିତ୍ୟାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପୋକ୍ସୋ ଆଇନ ସମ୍ପର୍କରେ ସଚେତନ କରଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବି. ସୁଜାତା, ବ୍ଲକ ଇନଚାର୍ଜ ପ୍ରତାପ ପଟ୍ଟନାୟକ, ସଭାପତି ବୀରେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍ଥିକ ଅଭିବୃଦ୍ଧିରେ ସହାୟକ ମାଣ୍ଡିଆ

ମାଲକାନଗିରି,୨୫।୬(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ମାଣ୍ଡିଆର ଚାହିଦା ସର୍ବଦା ରହିଛି। ଅଧିକ ପୁଷ୍ଟିକର ହୋଇଥିବାରୁ ଆଦିବାସୀଙ୍କ ଏହା ପ୍ରିୟ ଖାଦ୍ୟ ରୂପେ ପରିଚିତ। ଏହାକୁ ଦୃଷ୍ଟିରେ ରଖି ଜିଲାରେ ଚାଷୀମାନେ ବହୁ ପରିମାଣରେ ମାଣ୍ଡିଆ ଚାଷ କରିଥାନ୍ତି। ଏହାକୁ ସେମାନେ ଜାଉ ରୂପେ ଖରା ବର୍ଷା ସବୁ ସମୟରେ ଖାଇଥାନ୍ତି। ସାଧାରଣତଃ ଘରକୁ ବନ୍ଧୁ ପରିଜନ ଆସିଲେ ଲୋକେ ତାଙ୍କୁ ଲେମ୍ବୁପାଣି କିମ୍ବା ସରବତ ଦେଇ ସ୍ୱାଗତ କରିଥାନ୍ତି। କିନ୍ତୁ ମାଲକାନଗିରି ଜିଲାର ଅନେକ ଗ୍ରାମାଞ୍ଚଳର ଆଦିବାସୀ ଲୋକେ ସେମାନଙ୍କ ଘରକୁ ଆସୁଥିବା ବନ୍ଧୁବାନ୍ଧବଙ୍କୁ ମାଣ୍ଡିଆ ପେଯ ଦେଇ ସ୍ୱାଗତ କରିଥାନ୍ତି। ବର୍ତ୍ତମାନ ପରିବର୍ତ୍ତିତ ସମୟରେ ମାଣ୍ଡିଆ ଆଉ ଜାଉରେ ସୀମିତ ହୋଇ ରହିନାହିଁ। ମାଣ୍ଡିଆରେ ଅନେକ ପ୍ରକାର ଖାଦ୍ୟ ପ୍ରସ୍ତୁତ ହେଲାଣି। ଏଥିରେ ବରା, କାକରା, ପକୋଡ଼ି, ଇଡ୍‌ଲି, ରସଗୋଲା, ଖିରି ଆଦି ପ୍ରସ୍ତୁତ ହୋଇ ଆଦୃତ ହେଲାଣି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ମାଣ୍ଡିଆରେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରି



ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ବିକ୍ରି କରାଯାଉଛି।

ବିକ୍ରି କରୁଛନ୍ତି। ଫଳରେ ଏହା ସେମାନଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେଉଛି। ଖଇରପୁଟ ବ୍ଲକରେ ମାଧମ ଫାଉଣ୍ଡେଶନ ପକ୍ଷରୁ ଉନ୍ନତ ଧରଣର ମାଣ୍ଡିଆ ବିହନ ଚାଷୀଙ୍କୁ ଯୋଗାଇ ଚାଷ ପାଇଁ ଉତ୍ସାହିତ କରାଯାଉଛି। କିପରି ବିଭିନ୍ନ ପ୍ରଣାଳୀରେ ମାଣ୍ଡିଆ ଚାଷ କରାଯିବ ସେନେଇ ସଚେତନ କାର୍ଯ୍ୟକ୍ରମମାନ

- ବରା, କାକରା, ପକୋଡ଼ି, ଇଡ୍‌ଲି ହେଉଛି ପ୍ରସ୍ତୁତ
- ମାଣ୍ଡିଆ ଜାଉ ଦେଇ ବନ୍ଧୁବାନ୍ଧବଙ୍କୁ ସ୍ୱାଗତ କରନ୍ତି ଆଦିବାସୀ
- ଏହି ଚାଷକୁ ମାଧମ ଫାଉଣ୍ଡେଶନ ଦେଉଛି ପ୍ରୋତ୍ସାହନ

ବିଭିନ୍ନ ସମୟରେ କରାଯାଉଛି। ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ଜିଲା ସଦର ମହକୁମାରେ ମାଣ୍ଡିଆ କାଫେ କରାଯାଇ ମାଣ୍ଡିଆର ବିଭିନ୍ନ ଖାଦ୍ୟ ପ୍ରସ୍ତୁତକରି ବିକ୍ରି କରାଯାଉଥିଲା। ଏବେ ତାହା ବନ୍ଦ ରହିଛି। ଏହାକୁ ଖୋଲିବା ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

# ରଥଯାତ୍ରା ନେଇ ଆଲୋକ, ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ

କୋରାପୁଟ,୨୫।୬(ସ୍ୱ.ପ୍ର.)

କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ରଥଯାତ୍ରା ପାଳନ ନେଇ କୋରାପୁଟ ମ୍ୟୁନିସିପାଲିଟି ପକ୍ଷରୁ ବିଶେଷ କରି ଆଲୋକ ଓ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଉଛି। ଆଉ ୫ ଦିନ ପରେ ହେବାକୁ ଯାଉଛି ମହାପ୍ରଭୁଙ୍କ ରଥଯାତ୍ରା। ଏନେଇ ମନ୍ଦିର ପରିଚାଳନା କମିଟି ଓ ମ୍ୟୁନିସିପାଲଟି ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତି ଚାଲିଥିବା ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ସୂଚନା ଦେଇଛନ୍ତି। କୋରାପୁଟ ବଡଦାଣ୍ଡରେ ଥିବା ରଥ ଖଳାରେ ତିନି ରଥର ରଙ୍ଗ କାର୍ଯ୍ୟ ସମେତ ବିଭିନ୍ନ ଆନୁସଙ୍ଗିକ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଛି। ଶାବର ଶ୍ରୀକ୍ଷେତ୍ର ମନ୍ଦିର ଛକଠାରେ ଗୋଟିଏ ହାଇମାସ୍କ ଲାଇଟ ସ୍ଥାପନ କରାଯିବା ସହିତ ଗୁଣ୍ଡିଚା ମନ୍ଦିରଠାରେ ମଧ୍ୟ ଆଲୋକ ବ୍ୟବସ୍ଥା କରାଯିବା ନେଇ ପଦକ୍ଷେପ ଗ୍ରହଣ କରାଯାଇଛି । ଜନସମାଗମକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ସ୍ଥାନରେ ପରିମଳ ବ୍ୟବସ୍ଥା ପ୍ରତି ବିଶେଷ ଗୁରୁତ୍ୱାରୋପ କରାଯାଇଥିବା ଜମାଦାର କହିଛନ୍ତି।

# ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକଙ୍କ ମାଲକାନଗିରି ଗସ୍ତ ଆଜି



ବୈଠକରେ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

ମାଲକାନଗିରି, ୨୫।୬(ଡି.ଏନ୍.ଏ.)

ରବିବାର ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମାଲକାନଗିରି ଜିଲା ଗସ୍ତରେ ଆସିବେ। ଏନେଇ ସର୍କିଟ୍ ହାଉସ୍‌ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ବିଜେଡି ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ତ୍ରିପାଠୀ, ପୂର୍ବତନ ବିଧାୟକ ମାନସ ମାଡକାମି, ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ, ପୌରାଧ୍ୟକ୍ଷ ମନୋଜ ବାରିକ, ରାଜେନ୍ଦ୍ର ପଣ୍ଡା, ପ୍ରଭାକର ପ୍ରଧାନ, ଗୋପାଳ କୃଷ୍ଣ ପଣ୍ଡା, ନୃସିଂହ ଚରଣ ମହାନ୍ତି, ତାପସ ରଞ୍ଜନ ନାୟକ, ମହେଶ ବାକା, ପେଣ୍ଡରା ପ୍ରସାଦ ପଣ୍ଡା, ହୃଦାନନ୍ଦ ସାହୁ, ସୁନୀଲ ସାହୁ, ମନୋଜ ପଟ୍ଟନାୟକ, ରବି ରାଜେଶ, ପ୍ରଫୁଲ୍ଲ ହରିଜନ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ରବିବାର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା।

# ଜଗତ୍‌ସିଂହପୁରରୁ ଗିରଫ ହେଲେ ଅଭିଯୁକ୍ତ

ମାଲକାନଗିରି,୨୫।୬(ଡି.ଏନ୍.ଏ.)

**ଚାକିରି କରାଇଦେବା ନାଁରେ ୨୯ ଲକ୍ଷ ଠକେଇ ଅଭିଯୋଗ**

ଚାକିରି କରାଇଦେବା ନାଁରେ ଠକେଇ କରିଥିବା ଜଣେ ଯୁବକଙ୍କୁ ମାଥିଲି ପୋଲିସ ଜଗତ୍‌ସିଂହପୁରରୁ ଗିରଫ କରିଛି। ସେ ହେଲେ ସ୍ମୃତିଶେଖର ଜେନା। ଜଣେ ମହିଳାଙ୍କଠାରୁ ସେ ୨୯ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଖବରରୁ ଜଣାପଡ଼ିଛି ସ୍ମୃତିଶେଖର ମାଲକାନଗିରି ଜିଲା ମାଥିଲି ଅଞ୍ଚଳର ରମ୍ଭା ନାଏକଙ୍କୁ ଚାକିରି କରାଇଦେବାକୁ କହି ଅର୍ଥ ମାଗିଥିଲେ। ରମ୍ଭା ତାଙ୍କୁ ବିଶ୍ୱାସ କରି ୨୯ ଲକ୍ଷ ଟଙ୍କା ଦେଇଥିଲେ। ଦିନ ଗଡ଼ି ଚାଲିଥିଲେ ମଧ୍ୟ ରମ୍ଭାଙ୍କ ଚାକିରି ହେଉ ନ



ଜଗତ୍‌ସିଂହପୁରରୁ ଗିରଫ ସ୍ମୃତିଶେଖର।

ଥିବାରୁ ସେ ବ୍ୟସ୍ତ ହୋଇପଡୁଥିଲେ। ପରେ ସ୍ମୃତିଶେଖର ତାଙ୍କୁ ଆଉ ଟଙ୍କା ମାଗିଥିଲେ। ଏଥିରେ ରମ୍ଭାଙ୍କ ସନ୍ଦେହ ହେବାରୁ ସେ ମାଥିଲି ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକ ଏନେଇ ଏକ ମାମଲା ରୁଜୁକରି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଘଟଣାର ତଦନ୍ତକରି ଅଭିଯୁକ୍ତ ସ୍ମୃତିଶେଖରଙ୍କୁ ଜଗତ୍‌ସିଂହପୁରରୁ ଗିରଫ କରିବାରେ ପୋଲିସ ସଫଳ ହୋଇଥିଲା। ତାଙ୍କଠାରୁ ୨ଟି ମୋବାଇଲ, ଗୋଟିଏ ସୁନା ମୁଦି ଜବତ ହୋଇଛି। ସୂଚନାଯୋଗ୍ୟ, ସ୍ମୃତିଶେଖର ଏପରି ଅନେକ ଲୋକଙ୍କୁ ଚାକିରି କରାଇ ଦେବାକୁ କହି ଅର୍ଥ ନେଇଥିବା ଜଣାପଡ଼ିଛି।

## ନାବାଳିକା ଅପହରଣ, ବଳାତ୍କାର ମାମଲା
## ପୀଡିତା ଫେରାଇବେ ୩ ଲକ୍ଷ

ଜୟପୁର, ୨୫।୬ (ନି.ପ୍ର.)

ଜୟପୁର ଫାଷ୍ଟାଟ୍ରାକ ସ୍ୱତନ୍ତ୍ର କୋର୍ଟ ଏକ ମାମଲାର ରାୟ ପ୍ରକାଶ ପାଇଛି। ଜଣେ ପୀଡିତା ପାଇଥିବା ୩ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଫେରାଇବା ନେଇ ଶୁଣାଣି ହୋଇଛି। ୨୦୧୮ରେ ଜୟପୁର ଟାଉନ ଥାନାରେ ଜଣେିକା ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲା ନେଇ ଅଭିଯୋଗ ହୋଇଥିଲା। ଫାଷ୍ଟାଟ୍ରାକ ସ୍ୱତନ୍ତ୍ର କୋର୍ଟରେ ଏହାର ଶୁଣାଣି ବେଳେ ସମ୍ପୃକ୍ତା ନାବାଳିକା ଓ ତାଙ୍କ ପରିବାର ଅସହଯୋଗ କରିଥିଲେ। ଫଳରେ ସମ୍ପୃକ୍ତ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ପରେ ସରକାରଙ୍କ ପକ୍ଷରୁ ଜିଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ନାବାଳିକା ପୀଡିତାଙ୍କୁ ୨୧।୯।୨୦ରେ ପ୍ରଦାନ କରାଯାଇଥିବା ୩ ଲକ୍ଷ ଟଙ୍କାର ଅନୁକମ୍ପା ରାଶିକୁ ଅସୁଲ କରିବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱତନ୍ତ୍ର ସରକାରୀ ଓକିଲ ଗାୟତ୍ରୀ ଦେବୀ ପୀଡିତା ପାଇଥିବା ଅନୁକମ୍ପା ରାଶି ଫେରାଇବା ପାଇ କୋର୍ଟଙ୍କୁ ଅନୁରୋଧ କରଥିଲେ।

## ରନ୍ଧାମଦ ଜବତ

ଆସିକା,୨୫।୬(ଡି.ଏନ୍.ଏ)

ଗାଙ୍ଗପୁର ଥାନା କୁଲାଙ୍ଗି ଗ୍ରାମରୁ ଶୁକ୍ରବାର ପୋଲିସ ୬୦ ଲିଟର ରନ୍ଧାମଦ ଜବତ କରିଛି । ଏହି ମାମଲାରେ ସେହି ଗ୍ରାମର ସନ୍ତୋଷ ନାୟକଙ୍କୁ ଗିରଫ କରି ପରେ କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତ ଜଣକ ଗ୍ରାମ ସନ୍ନିକଟ ଏକ ପରିତ୍ୟକ୍ତ ସ୍ଥାନରେ ବସି ମଦ ବିକ୍ରି କରୁଥିଲା ବେଳେ ପୋଲିସ ଚଢ଼ାଉ କରିଥିଲା । ଏ ନେଇ ଗାଙ୍ଗପୁର ଥାନାରେ ନଂ.୨୫୦/୨୨ରେ ଏକ ମାମଲା ରୁଜୁ କରିଛି।

# ପ୍ରତି ମୃତକଙ୍କ ପରିବାରକୁ ୪୦ ଲକ୍ଷ ପ୍ରଦାନ ଦାବି

କୋରାପୁଟ,୨୫।୬(ସ୍ୱ.ପ୍ର.)

- ମାଝିଗୁଡ଼ା ୪ ଶିଶୁଙ୍କ ମୃତ୍ୟୁ ଘଟଣା
- ଜାତୀୟ ମାନବିକ ଅଧିକାର କମିଶନଙ୍କ ନିକଟରେ ପହଞ୍ଚିଲା ମାମଲା

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ପାଇକଫୁଲବେଡ଼ା ପଞ୍ଚାୟତ ଅନ୍ତର୍ଗତ ମାଝିଗୁଡ଼ା ଗ୍ରାମ ଉପକଣ୍ଠରେ ୪ ଜଣ ଶିଶୁ ଗାତରେ ବୁଡ଼ି ପ୍ରାଣ ହରାଇବା ଘଟଣା ଏବେ ଜାତୀୟ ମାନବିକ ଅଧିକାର କମିଶନଙ୍କ ନିକଟରେ ପହଞ୍ଚିଛି। ମାନବିକ ଅଧିକାର କର୍ମୀ ହିମାଂଶୁ ଶେଖର ନାୟକ ଏନେଇ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିରେ କ୍ଷତିଗ୍ରସ୍ତ ପ୍ରତି ମୃତକଙ୍କ ପରିବାରକୁ ୪୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ଅର୍ଥ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବାକୁ ସେ ଅନୁରୋଧ କରିଛନ୍ତି। ଏଥିସହ ମାନବିକ ଅଧିକାର କ୍ଷୁଣ୍ଣ ହୋଇଥିବାରୁ ଦାୟୀ ସରକାରୀ ଅଧିକାରୀ ଓ ଭାରତମାଳା ଯୋଜନାରେ ଠିକା ନେଇ ଗାତ ଖୋଳିଥିବା ସମ୍ପୃକ୍ତ ଠିକା ସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ସେମାନଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେବା, ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ସଂସ୍ଥାକୁ କଳା ତାଲିକାଭୁକ୍ତ କରିବାକୁ ନାୟକ କମିଶନରଙ୍କ ନିକଟରେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୨ରେ ଏହି ଘଟଣା ଘଟିବା ପରେ ଜିଲା ରେଡ୍‌କ୍ରସ୍ ପକ୍ଷରୁ ପ୍ରତି ମୃତକ ପରିବାରକୁ ୧୦ ହଜାର ଲେଖାଏ ଟଙ୍କା ତୁରନ୍ତ ପ୍ରଦାନ କରାଯିବା ସହ ହରିଶ୍ଚନ୍ଦ୍ର ଯୋଜନାରେ ପ୍ରତି ମୃତକଙ୍କ ପରିବାରକୁ ୨ ହଜାର ଲେଖାଏ ଟଙ୍କା ପ୍ରଦାନ କରାଯାଇଥିବା ଜିଲା ଜରୁରିକାଳୀନ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ପ୍ରତି ମୃତକଙ୍କ ପରିବାରକୁ ୪ ଲକ୍ଷ ଲେଖାଏ ଟଙ୍କା ସହାୟତା ପ୍ରଦାନ କରାଯିବ। ଦଶମନ୍ତପୁର ତହସିଲଦାର ଅଜୟ ପ୍ରକାଶ ତିର୍କୀଙ୍କ ରିପୋର୍ଟ ପରେ ଜିଲାପାଳଙ୍କ ଅନୁମୋଦନକ୍ରମେ ଏହି ସହାୟତା କ୍ଷତିଗ୍ରସ୍ତ ପରିବାରକୁ ମିଳିବ ବୋଲି ତ୍ରିପାଠୀ କହିଛନ୍ତି। ସେହିପରି ଘଟଣା ପରେ ଭାରତମାଳା ଯୋଜନାରେ ରାସ୍ତା କାର୍ଯ୍ୟ ନେଇଥିବା ସମ୍ପୃକ୍ତ ଠିକାଦାର ସଂସ୍ଥା ପକ୍ଷରୁ ପ୍ରତି ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ସଂସ୍ଥାର ସୁପରଭାଇଜର ସ୍ଥାନୀୟ ସଦର ଥାନାରେ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି।

# ମାର୍କେଟ କମ୍ପ୍ଲେକ୍ସ ନେଇ ଭୂମିପୂଜା



ମାର୍କେଟ କମ୍ପ୍ଲେସ ପାଇଁ ବିଧାୟକ ଭୂମିପୂଜନ କରୁଛନ୍ତି ।

ମାଲକାନଗିରି,୨୫।୬(ଡି.ଏନ.ଏ.)

ମାଲକାନଗିରି ଜିଲ୍ଲା ମାଥିଲି ସଦର ବ୍ଲକ ବସଷ୍ଟାଣ୍ଡ ନିକଟରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଲାଗି ଶନିବାର ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ଭୂମିପୂଜା କରିଥିଲେ। ମାଥିଲି ସଦର ମହକୁମାରେ ମାର୍କେଟ କମ୍ପ୍ଲେକ୍ସ ଅଭାବ ଯୋଗୁ ବ୍ୟବସାୟୀମାନେ ରାସ୍ତା କଡରେ ବ୍ୟବସାୟ କରୁଛନ୍ତି। ଫଳରେ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ମହେଶ ବାକା, ସ୍ଥାନୀୟ ସରପଞ୍ଚଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୭୬ କେଜି ଗଞ୍ଜେଇ ଜବତ, ୨ ଗିରଫ

ଏମ୍‌ଭି ୭୯,୨୫।୬(ଡି.ଏନ.ଏ.)

ମାଲକାନଗିରି ଜିଲା ଏମଭି-୭୯ ଥାନା ଅନ୍ତର୍ଗତ ଏମଭି- ୧୨୬ ନିକଟରେ ରାତ୍ରି ପାଟ୍ରୋଲିଂ ବେଳେ ପୋଲିସ ଗଞ୍ଜେଇ ଚୋରାଚାଲାଣ ବେଳେ ୨ଜଣଙ୍କୁ ଧରିଛି। ସେମାନଙ୍କଠାରୁ ୭୬ କେଜି ଗଞ୍ଜେଇ ଜବତ କରିଛି। ଗିରଫ ୨ ବ୍ୟକ୍ତି ହେଲେ ମୁକୁନ୍ଦ ହନ୍ତାଳ (୩୦), ସୁରେନ୍ଦ୍ର ହନ୍ତାଳ (୪୨)। ପାଟ୍ରୋଲିଂ ସମୟରେ ଗୋପୀନାଥ ଓ ଭଗବାନ ଜାକାଲଗୁଣ୍ଡି କେନାଲ ବ୍ରିଜ ନିକଟ ଜଙ୍ଗଲ ଭିତରେ ଗଞ୍ଜେଇ ଲୁଚାଇ ରଖିଥିବା ଖବର ପାଇ ପୋଲିସ ଜାକାଲଗୁଣ୍ଡି ଜଙ୍ଗଲରେ ଖୋଜାଖୋଜି କରିଥିଲା। ଏହି ସମୟରେ ଦୁଇଟି ପ୍ଲାଷ୍ଟିକ ଜରି ବ୍ୟାଗ ଦେଖି ତଲାସୀ କରିଥିଲେ। ସେଥିରୁ ୭୬ କେଜି ଶହେ ଗ୍ରାମ ଗଞ୍ଜେଇ ମିଳିଥିଲା। ଏଠାରେ ଥିବା ଏକ ବାଇକ୍‌କୁ ମଧ୍ୟ ପୋଲିସ ଜବତ କରିଥିଲା। ନିକଟରେ ଏକ ଗଛ ପଛରେ ଲୁଚି ରହିଥିବା ଅଭିଯୁକ୍ତ ମୁକୁନ୍ଦ ଓ ସୁରେନ୍ଦ୍ରଙ୍କୁ ଧରି ପୋଲିସ ପଚରାଉଚରା କରିଥିଲା। ସେମାନେ ଚୋରାଚାଲାଣ ପାଇଁ ଏହି ଗଞ୍ଜେଇ ରଖିଥିବା ସ୍ୱୀକାର କରିଥିଲେ। କେସ୍ ନଂ. ୬୯/୨୨ରେ ମାମଲା ରୁଜୁ ହୋଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ମୁକୁନ୍ଦ ମେଲେକା କହିଛନ୍ତି ।



ଗିରଫ ୨ ଅଭିଯୁକ୍ତ ଓ ଜବତ ଗଞ୍ଜେଇ।

# ବିଶ୍ୱକର୍ମା ପୂଜାରୁ ବିଶ୍ୱ ନିଅନ୍ତାଙ୍କ ପୂର୍ଣ୍ଣ ମନ୍ଦିର

ସୁନାବେଡ଼ା,୨୫।୬(ସ୍ୱ.ପ୍ର.)

ବିଶ୍ୱକର୍ମା ପୂଜାରୁ ସୁନାବେଡ଼ା ହାଲ୍ ଟାଉନଶିପ୍ ପରିସରରେ ଥିବା ଜଗନ୍ନାଥ ମନ୍ଦିରର ପରିକଳ୍ପନା ହୋଇଥିଲା ହାଲ୍ କମ୍ପାନୀ ମଧ୍ୟରେ ଥିବା ବ୍ଲେଡ୍ ଶପ୍‌ରେ । ୧୯୮୩ ସେପ୍ଟେମ୍ବର ୧୬ରେ ବିଶ୍ୱକର୍ମା ପୂଜା ଆରମ୍ଭ କରାଯାଇଥିଲା। ଏହି ମୂର୍ତ୍ତିରେ ଜଗନ୍ନାଥ ମନ୍ଦିର ଓ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ୱୟଂ ବିଶ୍ୱକର୍ମା ଗଢୁଥିବା ଦୃଶ୍ୟ ଚିତ୍ରଣ ବେଶ୍ ଥିଲା ମନଲୋଭା; ଯେଉଁଥିରେ ଜଗନ୍ନାଥ,ବଳଭଦ୍ର,ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କ ମାଟି ବିଗ୍ରହ ନିର୍ମାଣ କରାଯାଇଥିଲା। କମ୍ପାନୀ କର୍ତ୍ତୃପକ୍ଷଙ୍କ ନିୟମ ଅନୁଯାୟୀ ୧୭ରେ ବିଶ୍ୱକର୍ମାଙ୍କୁ ବିସର୍ଜନ କରାଯାଇଥିଲା। ମାତ୍ର ହିନ୍ଦୁଶାସ୍ତ୍ର ଅନୁଯାୟୀ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବିସର୍ଜନ ନିୟମ ନାହିଁ। ହାଲ୍‌ର ତତ୍କାଳୀନ ମହାପ୍ରବନ୍ଧକ ଏୟାର ମାର୍ଶଲ ଡି.ଏସ୍. ମିଶ୍ରାଙ୍କ ସମ୍ମତିକ୍ରମେ ଅନେକ ବୁଦ୍ଧିଜୀବୀଙ୍କ ସହ ଆଲୋଚନା ପରେ ମୂର୍ତ୍ତିଗୁଡ଼ିକୁ ୧୮।୯।୧୯୮୩ରେ ଏଲ୍ ଜୋନ୍‌ସ୍ଥିତ ଉତ୍କଳ ସାଂସ୍କୃତିକ ପରିଷଦ ତଥା ସେତେବେଳର ନୃତ୍ୟ ସଂଗୀତ ମହାବିଦ୍ୟାଳୟର



ଏକ କୋଠରିରେ ରଖାଯାଇଥିଲା। ସେହିଠାରେ ଆରମ୍ଭ ହୋଇଥିଲା ଶ୍ରୀ ବିଗ୍ରହଙ୍କ ପୂଜାର୍ଚ୍ଚନା। କ୍ରମେ ଏହି କୋଠରି ଏକ ଛୋଟିଆ ମନ୍ଦିରର ରୂପ ନେଇଥିଲା। ମନ୍ଦିର ପରିଚାଳନା ପାଇଁ ଏକ କମିଟି ଗଢ଼ାଯାଇଥିଲା। ୧୯୮୫ ବେଳକୁ ମାଟି ନିର୍ମିତ ମୂର୍ତ୍ତି ଅବକ୍ଷୟ ହେବାରୁ ସେଗୁଡିକୁ ଦାରୁ ବିଗ୍ରହରେ ପରିଣତ କରିବା ଲାଗି ପରିଚାଳନା କମିଟି ନିଷ୍ପତ୍ତି ନେଇଥିଲେ।

ପରେ ନିୟମ ଅନୁଯାୟୀ ଏଠାରେ ଶ୍ରୀଜଗନ୍ନାଥଙ୍କ ମଧ୍ୟ ଦାରୁ ଖୋଜା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଦାରୁ ଚିହ୍ନଟ ହୋଇ ୧୯୮୬ କାର୍ତ୍ତିକ ପୂର୍ଣ୍ଣମୀରେ ଦାରୁମୂର୍ତ୍ତି ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ପରେ ପୁରୀ ଗଜପତି ମହାରାଜାଙ୍କ ନିର୍ଦ୍ଦେଶରେ ରାଜ ପୁରୋହିତ ପଣ୍ଡିତ କୃଷ୍ଣଚନ୍ଦ୍ର ରାଜଗୁରୁଙ୍କ ତତ୍ତ୍ୱାବଧାନରେ ୧୦।୫।୧୯୮୭ରୁ ୧୩।୫।୧୯୮୭ ବୁଦ୍ଧ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀ ବିଗ୍ରହଙ୍କ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଥିଲା। ଠାକୁରଙ୍କ ନିକଟରେ ପ୍ରଥମେ ଗୋଟିଏ ଓଳି ଅନ୍ନ ଭୋଗ କରାଯାଉଥିଲା। ପରେ ଏହା ଦୁଇଓଳି ହୋଇଥିଲା।

୧୯୮୯ରେ ଏକ ସ୍ଥାୟୀ ମନ୍ଦିରର କଳ୍ପନା କରାଯାଇ ମନ୍ଦିରର ରତ୍ନମୁଦ କାର୍ଯ୍ୟ ୩୦।୫।୧୯୯୩ରେ ଶେଷ ହୋଇଥିଲା। ପ୍ରଥମେ ମନ୍ଦିର ନିର୍ମାଣରେ ଅର୍ଥ ବାଧକ ସାଜିଥିଲେ ମଧ୍ୟ ପରିଚାଳନା କମିଟିର ଉଦ୍ୟମ ଯୋଗୁ ଏହି ସମସ୍ୟା ପରବର୍ତ୍ତୀ ସମୟରେ ଦୂରହୋଇଯାଇଥିଲା। ୧୬।୯।୧୯୯୩ରେ ନିର୍ମାଣ କାର୍ଯ୍ୟ ଶେଷ ପରେ ଏହା ୧୫।୨।୧୯୯୪ ପବିତ୍ର ସରସ୍ୱତୀ ପୂଜା ଦିନ ମନ୍ଦିର ପ୍ରତିଷ୍ଠା କରାଯାଇ ଚତୁର୍ଦ୍ଧା ବିଗ୍ରହଙ୍କୁ ରତ୍ନ ସିଂହାସନରେ ଅଧିଷ୍ଠିତ କରାଯାଇଥିଲା। ସମୟକ୍ରମେ ପାର୍ଶ୍ୱ ଦେବଦେବୀ ଭାବରେ ପ୍ରଥମେ କାଶୀ ବିଶ୍ୱନାଥ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ପରେ ମହାଲକ୍ଷ୍ମୀ ମନ୍ଦିର, ଅରୁଣ ସ୍ତମ୍ଭ ପ୍ରତିଷ୍ଠା, ଶ୍ରୀ ହନୁମାନ, ଗଣେଶ ମନ୍ଦିର, ବିମଳା ମନ୍ଦିର, ମା' ସରସ୍ୱତୀ ଓ ନବଗ୍ରହ ମନ୍ଦିର ପ୍ରତିଷ୍ଠା ହୋଇଥିଲା।

- ୧୯୯୩ରେ ଶେଷ ହୋଇଥିଲା ସ୍ଥାୟୀ ମନ୍ଦିର
- ପୁରୀ ଶ୍ରୀମନ୍ଦି ଭଳି ନୀତିକାନ୍ତି ଏଠାରେ ସମ୍ପନ୍ନ ହୋଇଥାଏ
- ୧୯୯୯ରେ ମହାପ୍ରଭୁ ରଥରେ ଯାଇଥିଲେ ମାଉସୀଘର

ପରବର୍ତ୍ତୀ ସମୟରେ ଏଠାରେ ଶ୍ରୀମନ୍ଦିର ରୀତିନୀତି ଅନୁଯାୟୀ ସମସ୍ତ ବିଧିବିଧାନ ପାଳନ ହୋଇଥିଲା। ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଯେପରି ନୀତିକାନ୍ତି ହୁଏ ଏଠାରେ ସେପରି ନୀତିକାନ୍ତି ସମ୍ପନ୍ନ ହୋଇଥାଏ। ପ୍ରଥମେ ମଙ୍ଗଳ ଆଳତି ପରେ ସ୍ନାନ, ପ୍ରାତଃ ଧୂପ, ଶୁଖୁଲି ଭୋଗ ହୋଇଥାଏ। ମଧ୍ୟାହ୍ନରେ ମଧ୍ୟାହ୍ନ ଧୂପ ପରେ ଅନ୍ନଭୋଗ ହୁଏ। ସନ୍ଧ୍ୟା ସମୟରେ ଆଳତି ହୋଇ ପୁଣି ଶୁଖିଲା ଭୋଗ ଲାଗି ହୁଏ। ଶେଷରେ ରାତିରେ ଅନ୍ନଭୋଗ କରାଯାଇ ମହାପ୍ରଭୁଙ୍କର ବଡ଼ସିଂହାର ବେଶ ପରେ ପହୁଡ଼ ପଡ଼େ।

ରଥଯାତ୍ରା ପରିକଳ୍ପନା ପୂର୍ବରୁ ପ୍ରତିବର୍ଷ ନବ ଦିନାତ୍ମକ ଘୋଷଯାତ୍ରା ସମୟରେ ମହାପ୍ରଭୁଙ୍କୁ ରତ୍ନ ସିଂହାସନରୁ ପହଣ୍ଡିକରି ମନ୍ଦିର ମୁଖ୍ୟ ଦ୍ୱାର ପର୍ଯ୍ୟନ୍ତ ଆଣି ସେଠାରେ ଅସ୍ଥାୟୀ ମଣ୍ଡପରେ ପୂଜା କରାଯାଏ। ଏପରି କିଛି ବର୍ଷ ଚାଲିବା ପରେ ପରିଚାଳନା କମିଟି ରଥ ନିର୍ମାଣ ପରିକଳ୍ପନା କରି ୧୯୯୯ରେ ପ୍ରଥମକରି ମହାପ୍ରଭୁ ବଡ଼ ଦେଉଳ ଛାଡ଼ି ରଥରେ ବିଜେକରି ଯାଇଥିଲେ ମାଉସୀଘରକୁ। ସେମିଳିଗୁଡ଼ାସ୍ଥିତ କଲ୍ୟାଣ ମଣ୍ଡପକୁ ମାଉସୀଘର ରୂପେ ଚୟନ କରାଯାଇଥିଲା। ରଥଯାତ୍ରା ସମୟରେ କୋରାପୁଟ ଜିଲା ତଥା ଜିଲା ବାହାରୁ ଏଠାରେ ପ୍ରବଳ ଜନ ସମାଗମ ହୁଏ।

